**ଗ୍ରାମୀଣ କୃଷି ମୌସମ ସେବା, ଭବାନୀପାଟଣା, କଳାହାଣ୍ଡି**

**ଜ଼ିଲ୍ଲା ସ୍ତରୀୟ ପାଣିପାଗ ଭିତିକ କୃଷି ଉପଦେଶ ସେବା**

**ପଶ୍ଚିମ ମାଳ ଅଂଚଳ, ଆଞ୍ଚଳିକ ଗବେଷଣା ଓ ପ୍ରଯୁକ୍ତି ବିଦ୍ୟା ପ୍ରସାରଣ କେନ୍ଦ୍ର , (ଓଡିଶା କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟ)**

**ଭବାନୀପାଟଣା**

---

**ପତ୍ର ସଂ - ୨୧ ସପ୍ତାହ- ୧୪ ତାରିଖ- ୦୬.୦୪.୨୦୧୮**

**ପାଣିପାଗ ଭିତିକ କୃଷି ଉପଦେଶ - ନୂଆପଡା ଜ଼ିଲ୍ଲା ନିମନ୍ତେ**

**ପାଣିପାଗ ପୂର୍ବାନୁମାନ - ୦୭.୦୪.୨୦୧୮ ରୁ ୧୧.୦୪.୨୦୧୮ ପର୍ଯ୍ୟନ୍ତ:**

ଆସନ୍ତା ୦୮.୦୪.୨୦୧୮ ପର୍ଯ୍ୟନ୍ତ ନୂଆପଡା ଜ଼ିଲ୍ଲା ରେ ପାଗ ଶୁଖିଲା ରହିବା ସମ୍ଭାବନା ଥିବା ସମୟରେ ୦୯.୦୪.୨୦୧୮ ରୁ ୧୧.୦୪.୨୦୧୮ ପର୍ଯ୍ୟନ୍ତ କେତେକ ସ୍ଥାନ ରେ ମାଧମ ଧାରଣ ରେ ବର୍ଷା ହେବା ସମ୍ଭାବନା ଅଛି. ଏହି ସମୟ ଆକାଶ ଅଙ୍ଗଶିକା ରୁ ସମ୍ପୂର୍ଣ ମେଘୁଆ ରହିବା ସମ୍ଭାବନା ଅଛି. ପବନ ଦକ୍ଷିଣ-ପୂର୍ବ ଓ ଦକ୍ଷିଣ - ପଶ୍ଚିମ ଦିଗରୁ ଘଣ୍ଟା ପ୍ରତି ୦୦୩-୦୦୮ କି.ମି. ବେଗ ରେ ବୋହିବା ସମ୍ଭାବନା ଅଛି.ଏହି ସମୟ ରେ ଦିନ ର ସର୍ବାଧିକ ତାପମାତ୍ରା ୩୫-୩୮ ଡିଗ୍ରୀ ସେ. ଓ ସର୍ବନିମ୍ନ ତାପମାତ୍ରା ୨୨-୨୫ ଡିଗ୍ରୀ ସେ. ଏବଂ ସର୍ବାଧିକ ଓ ସର୍ବନିମ୍ନ ଆପେକ୍ଷିକ ଆଦ୍ରତା ଯଥାକ୍ରମେ ୪୮-୬୪ % ଓ ୧୫-୨୦ % ରହିବା ସମ୍ଭାବନା ଅଛି.

**ଡ଼ାଲୁଅ ଧାନ:**

- ଡ଼ାଲୁଅ ଧାନ ମୁଖ୍ୟ ଜମି ରେ ୮-୧୧ ସପ୍ତାହ ଅବସ୍ଥା ରେ ଅଛି.
- ଡ଼ାଲୁଅ ଧାନ ଗର୍ଭ ଅବସ୍ଥା ହୋଇଗଲେ ଘଷା ବାଛି ଦିଅନ୍ତୁ ଓ ଏକରକୁ ସହଳ କିସମ ରେ ୧୩ କିଲୋ ୟୁରିଆ ସହିତ ୧୦କିଲୋ ଏମ.ଓ.ପି. ଓ ମଧ୍ୟମ କିସମ ରେ ୧୮ କିଲୋ ୟୁରିଆ ସହିତ ୧୩ କିଲୋ ଏମ.ଓ.ପି ସାର ପ୍ରୟୋଗ କରନ୍ତୁ.
- ଦିନ ତାପମାତ୍ରା ବୃଦ୍ଧି ହେଉଥିବାରୁ କାଣ୍ଡବିନ୍ଧା ପୋକ ପ୍ରଜାପତି ଅଣ୍ଡା ଦେବା ପାଇଁ ସହାୟକ ହୋଇପାରେ.ପ୍ରଜାପତି ଧରିବା ପାଇଁ ଏକ ଏକର ଜମି ରେ ୪ ଗୋଟି ସାଙ୍ଗ ଆକର୍ଷକ ଜନତା ବ୍ୟବହାର କରନ୍ତୁ. କାନ୍ଦ ବିନ୍ଧ ପୋକ ନିଅନ୍ତ୍ରଣା ପାଇଁ ଏକରକୁ ୮୦ମଲ chlorantraniliprole ୧୮.୫ ଏସ. ସି. କୁ ଏକ ଲିଟର ପାଣି ରେ ୦.୪ ମିଲି ଔଷଧ ମିଶାଇ ସିଞ୍ଚନ କରନ୍ତୁ.
- ଦିନ ଓ ରାତି ର ତାପମାତ୍ରା ମଧରେ ଆଦିକା ବ୍ୟବଧାବନ ରହୁଥିବାରୁ ଏହା ଧାନ ରେ ମହିଷା ରୋଗ ଲାଗିବ ରେ ସହାୟକ ହୋଇପାରେ. ଏହାର ନିଅନ୍ତ୍ରଣା ପାଇଁ ଏକ ଲିଟର ପାଣି ରେ ୦.୬ଗ୍ରାମ ହିସାବ ର ୧୨୦ ଗ୍ରାମ tricyclazole ୭୫% ଏସ.ପି. ଔଷଧ ମିଶାଇ ସିଞ୍ଚନ କରନ୍ତୁ.

**ଆଖୁ :**

- ଆଖୁ ବର୍ତମାନ ଅଂଗୀୟ ବୃଦ୍ଧି ଅବସ୍ଥା ରେ (୫-୭ ସପ୍ତାହ) ଅଛି. ଏହିସମୟରେ ୧୦ ଦିନ ଅନ୍ତର ରେ ଜଳସେଚନ କରନ୍ତୁ.

**ମୁଗ ଓ ବିରି**

- ମୁଗ ଓ ବିରି ମଞ୍ଜି ପାକଳ ରୁ ଅମଳ ହେବା ଅବସ୍ଥାରେ ଅଛି. ପାକଳ ମୁଗ ଓ ବିରି ଅମ୍ଳ କରି ସୁରକ୍ଷିତ ସ୍ଥାନ ରେ ରଖନ୍ତୁ.

**ପିଆଜ:**

- ମୁଖ୍ୟ ଜମି ରେ ରୁଆ ଯାଇଥିବା ପିଆଜ ବର୍ତମାନ ୧୩-୧୫ ସପ୍ତାହ ଅବସ୍ଥା ରେ ଅଛି.
- ପିଆଜ ରେ ୭- ୧୦ ଦିନ ବ୍ୟବଧାନ ରେ ଜଳସେଚନ କରନ୍ତୁ.
- ପିଆଜ ପାକଳ ହେବା ସମୟରେ ଜଳସେଚନ କରନ୍ତୁ ନାହିଁ ଓ malic hydrazide ୨.୫ ଗ୍ରାମ/ଲିଟି ପାଣି ରେ ମିଶାଇ ସିଞ୍ଚନ କରନ୍ତୁ.

**ସହଯୋଗୀ ଗବେଷଣା ନିର୍ଦେଶକ ଓ ନୋଡାଲ ଅଫିସର**

**ଗ୍ରାମୀଣ କୃଷି ମୌସମ ସେବା , ଭବାନୀପାଟଣା**